**NEW PAPER:** Sambad

**DATE:** 05.12.2017

**PAGE:** Page - 16

SAMBAD
ସମ୍ବାଦ

# ଏଏସ୍‌ବିଏମ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ଭୁବନେଶ୍ୱର,୪/୧୨(ଇମିସ): ଏଏସ୍‌ବିଏମ୍ ପୁରାତନ ଛାତ୍ରଛାତ୍ରୀମାନଙ୍କର ବନ୍ଧୁମିଳନ 'କନଫ୍ଲୁଏନ୍ସ-୨୦୧୭' କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକ, ଜ୍ଞାନ ପ୍ରଦୀପ ପ୍ରଜ୍ୱଳିତ ଅନୁଷ୍ଠାନର ଡିନ୍ କଲ୍ୟାଣ ଶଙ୍କର ରାୟ, ଆଲୁମିନି ସଂଯୋଜକ ବି ସନ୍ତୋଷ କୁମାର(୨୦୦୬-୦୮) ଓ ଅଜୟ କୁମାର ନନ୍ଦ(୨୦୦୭-୯),ଏମ୍‌ଏନ୍ ସାମନ୍ତରାୟ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

ଉତ୍ସବରେ ଦେଶର ବିଭିନ୍ନ ଅଞ୍ଚଳରୁ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍ସବର ସଂଯୋଜକ ବି ସନ୍ତୋଷ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।